## ସଂକ୍ଷେପରେ

### ଟ୍ରାକ୍ଟର ଚୋରି, ଥାନାରେ ମାମଲା

**ଭୁବନ, ୧୨।୪(ଡି.ଏନ.ଏ.):** ଭୁବନ ଥାନା ଅନ୍ତର୍ଗତ ବାଟତାରିଣୀ ମନ୍ଦିର ନିକଟରୁ ବୁଧବାର ରାତିରେ ଡାଲା ସହ ଏକ ଟ୍ରାକ୍ଟର ଚୋରି ହୋଇଯାଇଛି। ଏ ନେଇ ଗାଡ଼ି ମାଲିକ ଜଗନ୍ନାଥ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଡ୍ରାଇଭର କାମ ସାରି ଟ୍ରାକ୍ଟରକୁ ରଖି ଘରକୁ ଯାଇଥିଲେ। ରାତିରେ ଦୁର୍ବୃତ୍ତମାନେ କୌଶଳକ୍ରମେ ଟ୍ରାକ୍ଟର (ଓଡି ୦୬ ଇ ୩୪୯୭) ଏବଂ ଡାଲା (ଓଡି ୦୬ଇ ୩୫୨୮) ନେଇ ପଳାଇଛନ୍ତି। ଗୁରୁବାର ଘଟଣା ଜଣାପଡ଼ିଥିଲା। ଏ ନେଇ ନଂ. ୯୦/୧୯ରେ ମାମଲା ରୁଜୁ ହୋଇଛି।

### କୋଇଲା ଟ୍ରକ୍ ଜବତ, ଚାଳକ ଗିରଫ

**ଢେଙ୍କାନାଳ ଅଫିସ, ୧୨।୪:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଇଲେଇଜଙ୍ଗ ନିକଟରୁ ଶୁକ୍ରବାର ପୋଲିସ ଏକ ଚୋରା କୋଇଲା ବୋଝେଇ ୧୦ ଚକିଆ ଟ୍ରକ ଜବତ କରିଛି। ଗାଡ଼ି ଡ୍ରାଇଭର ଗିରଫ ହୋଇଛନ୍ତି। ଏ ନେଇ ଥାନାଧିକାରୀ ନିରୁପମା ଜେନା କୁହନ୍ତି, ଟ୍ରକ୍‌ରୁ ୧୭ ଟନ୍ କୋଇଲା ଜବତ ହୋଇଛି। ଏହା ପାଣିକୋଇଲି ଅଞ୍ଚଳକୁ ଚାଲାଣ କରାଯାଉଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

### ଘର ଭାଙ୍ଗିଲା ହାତୀ, ଲୋକେ ଆତଙ୍କିତ

**ବଇଣ୍ଡା, ୧୨।୪(ଡି.ଏନ.ଏ.):** କିଶୋରନଗର ବ୍ଲକ ବାଲିଆମ୍ବ ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖାଦେଇଛି । ଗ୍ରାମର ଚକ୍ରଧର ସାହୁ, ବନ୍ଧୁଆ ବେହେରା, କାଳିଆ ବେହେରା, ଦିଗାମ୍ବର ଦେହୁରୀଙ୍କ ଘର ଭାଙ୍ଗିବା ସହ ଧାନ ନେଇ ଖାଇ ନଷ୍ଟ କରି ଦେଇଛନ୍ତି। ହାତୀ ଉପଦ୍ରବ ଲାଗି ରହୁଥିଲେ ମଧ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି।

### ସାଢ଼େ ୩ ଫୁଟର ନାଗ ଉଦ୍ଧାର



**ଛେଣ୍ଡିପଦା,୧୨।୪ (ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ୍ ଟାଙ୍ଗିରି ପଞ୍ଚାୟତ ପୁରୁଣାଗଡ଼ ଗ୍ରାମର ଜଗନ୍ନାଥ ବିଶ୍ୱାଳଙ୍କ ଘର ଆଟୁ ଉପରୁ ଗୁରୁବାର ସାଢ଼େ ୩ ଫୁଟର ଏକ ନାଗ ଉଦ୍ଧାର କରାଯାଇଛି। ସ୍ନେକ୍ ହେଲ୍ପ ଲାଇନ ସଦସ୍ୟ ହିମାଂଶୁ ଶେଖର ଦେହୁରୀ ନାଗକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି।

### ନାଲ୍‌କୋନଗରରେ ବାଦୀପାଲା

**ବଁଅରପାଳ, ୧୨।୪(ଡି.ଏନ.ଏ.):** ତାରିଣୀ ମେଳା ଓଡ଼ିଆ ନବବର୍ଷ ଉପଲକ୍ଷେ ନାଲ୍‌କୋନଗରରେ ଶୁକ୍ରବାରଠାରୁ ବାଦୀପାଲା ଆରମ୍ଭ ହୋଇଛି। ନାଲ୍‌କୋ ସିପିପି ମହାପ୍ରବନ୍ଧକ ଅମ୍ବିକା ପଣ୍ଡା, ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍. ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧାର ଭାନୁମତୀ ସୁବୁଦ୍ଧି, ଆଠଗଡ଼ର ମିନତୀ ସ୍ୱାଇଁ ପ୍ରମୁଖ ପାଲା ପରିବେଷଣ କରୁଛନ୍ତି। ଏଥିସହ ପାଲା ସଂସ୍କୃତି ଓ ପୌରାଣିକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ପାଲା ଦେଖିବାକୁ ଆଖପାଖ ଅଞ୍ଚଳର ବହୁ କଳାପ୍ରେମୀଙ୍କ ଭିଡ଼ ଜମୁଛି। ଏହା ୩ଦିନ ଧରି ଚାଲିବ। ନାଲ୍‌କୋ ୱେଲଫେୟାର କମିଟି ଅଧକ୍ଷ ରାଜାରାମ ମିଶ୍ର, କେ. କେ. ବେହେରା, ସୁଧାକର ସାହୁ, ବିଜୟ ସାମଲ, ସନ୍ତୋଷ ସାହୁଙ୍କ ସମେତ ତାରିଣୀ ମନ୍ଦିର କମିଟି ତଥା ୱେଲଫେୟାର କମିଟି ସଦସ୍ୟମାନେ ଏଥିରେ ସହଯୋଗ କରୁଛନ୍ତି।

### କୂଅରୁ ଯୁବକ ଉଦ୍ଧାର

**ଛେଣ୍ଡିପଦା,୧୨।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ପଞ୍ଚାୟତର ଘାସିମଳିହା ଗ୍ରାମରେ ଶୁକ୍ରବାର ଏକ ଗଭୀର କୂଅରୁ ସୁରେଶ ବାରିକଙ୍କୁ ଦମକଳ ବାହିନୀ ଉଦ୍ଧାର କରିଛି। ୫୦ ଫୁଟ୍‌ରୁ ଉର୍ଦ୍ଧ୍ୱ ଗଭୀର କୂଅରୁ ପାଣି କାଢ଼ୁଥିବାବେଳେ ସେ ଅସାବଧାନତାବଶତଃ ଖସିପଡ଼ିଥିଲେ। ଛେଣ୍ଡିପଦା ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ସୁରେଶଙ୍କୁ ଉଦ୍ଧାର କରିଥିଲେ।

■୩ ଯୁବକଙ୍କୁ ପୋଲିସର ମାଡ଼ ଅଭିଯୋଗ

# ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ,୧୨।୪**

ଢେଙ୍କାନାଳ ଜିଲା ଗଁଦିଆ ଥାନା କାବେରା ପଞ୍ଚାୟତ ଅଧୀନ ଡାହିସାହି ଗ୍ରାମ ଜଙ୍ଗଲରେ ଗୁରୁବାର ନିଆଁ ଲିଭାଉଥିବା ୩ଜଣ ଯୁବକଙ୍କୁ ଥାନା ଅଧିକାରୀ ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ସମ୍ପୃକ୍ତ ଯୁବକମାନେ ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସହ ଶୁକ୍ରବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପଟେ ଥାନାଧିକାରୀ ନିରୁପମା ଜେନା ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ସ୍ଥାନୀୟ ଗ୍ରାମ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ପାଇ ଉଦ୍ଧବ ଦେହୁରୀ, ଶରତ ନାୟକ ଏବଂ ଅଶୋକ ନାୟକ ନିଆଁ ଲିଭାଇବାକୁ ଯାଇଥିଲେ। ସେମାନେ ନିଆଁକୁ ଆୟତ୍ତ କରି ଘରକୁ ଫେରିଥିଲେ। ପୁଣିଥରେ ନିଆଁ ବ୍ୟାପିଥିବା ଜଣାପଡ଼ିବା ପରେ ଜଙ୍ଗଲକୁ ଯାଇଥିଲେ। ଉକ୍ତ ସମୟରେ ସ୍ଥାନୀୟ ବନ କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ଥାନାଧିକାରୀ ସଦଳବଳ ପହଞ୍ଚିଥିଲେ। ଥାନାଧିକାରୀ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚୁରା କରିବା ସହ ମାଡ଼ ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସର ଏପରି କାର୍ଯ୍ୟକୁ ସରପଞ୍ଚ ଯମୁନା ଭୋଇ ତୀବ୍ର ନିନ୍ଦା କରିଛନ୍ତି। ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନ୍ତର୍ଯ୍ୟାମୀ ନାୟକ, ଗୌରବ ଦେହୁରୀ, କବିତା ନାୟକ, ଧୀର ନାୟକ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଥାନାଧିକାରୀ କୁହନ୍ତି, ସମ୍ପୃକ୍ତ ୩ଜଣ ଯୁବକ ଜଙ୍ଗଲରେ ନିଆଁ ଲଗାଉଥିବାବେଳେ ଧରାପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବନ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଏହାର ସାକ୍ଷୀ ଅଛନ୍ତି। ଜଙ୍ଗଲରେ ନିଆଁ ଲଗାଉଥିବା ଦେଖି ସେମାନଙ୍କୁ ତାଗିଦ୍ କରିଥିଲୁ। ହେଲେ ସେମାନଙ୍କୁ ମାଡ଼ ମାରିବା ଅଭିଯୋଗ କପୋଳକଳ୍ପିତ ବୋଲି ଥାନାଧିକାରୀ ସ୍ପଷ୍ଟୀକରଣ ରଖିଛନ୍ତି। ପୋଲିସ ଏବଂ ଗ୍ରାମବାସୀ ନିଜ ନିଜ ସପକ୍ଷରେ ମତ ରଖୁଥିବାବେଳେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ଏଟିଏମ୍ ନମ୍ବର ମାଗି ୪୧ ହଜାର ନେଇଗଲେ

**ଛେଣ୍ଡିପଦା,୧୨।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ସୁଦାମ ବେହେରାଙ୍କ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଆକାଉଣ୍ଟରୁ ୪୧ ହଜାର ୩୦୬ ଟଙ୍କା ଲୁଟ୍ ହୋଇଛି। ଏ ନେଇ ସେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୩୧ ସନ୍ଧ୍ୟାରେ ୭୩୧୯୭୧୩୭୧୩ ନମ୍ବରରୁ ସୁଦାମଙ୍କ ନିକଟକୁ ଫୋନ ଆସିଥିଲା। ତୁମ ଆକାଉଣ୍ଟରେ ଆଧାର ଲିଙ୍କ୍ ଓ ଏଟିଏମ୍ ସୁବିଧା କଟିଯାଇଛି ବୋଲି ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ କହିଥିଲେ। ପରେ ଏଟିଏମ୍ ନମ୍ବର ସହ ଅନ୍ୟ ଗୋପନୀୟ ତଥ୍ୟ ମାଗିଥିଲେ। ସୁଦାମ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ଦେଇଥିଲେ। ତା’ ପରଦିନ ୯୯୫୫୪୭୬୯୧ ନମ୍ବରରୁ କେହି ଫୋନ କରି ସୁଦାମଙ୍କୁ ତାଙ୍କ ପରିବାରର ଅନ୍ୟ କାହାର ଏଟିଏମ୍ ନମ୍ବର ମାଗିବାରୁ ତାଙ୍କର ସନ୍ଦେହ ହୋଇଥିଲା। ପରେ ସୁଦାମ ବ୍ୟାଙ୍କରେ ପହଞ୍ଚିବାରୁ ତାଙ୍କ ଖାତାରୁ ୪୧ ହଜାର ୩୦୬ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଅନୁଗୋଳ ସାଇବର ସେଲ୍‌ରେ ଜଣାଇବା ସହ ଥାନାରେ ଅଭିଯୋଗ କରିଛନ୍ତି।

■ଜହ୍ନ ହତ୍ୟା ମାମଲା

## ସ୍ୱାମୀଙ୍କୁ ଆଜୀବନ ଜେଲ୍

**ଢେଙ୍କାନାଳ ଅଫିସ, ୧୨।୪**



ମାହୁଲିଆ ନାଏକ।

ରାସୋଳ ଥାନା ବୁହାଲିପାଳ ଗ୍ରାମରେ ୨୦୧୪ରେ ସଙ୍ଗଠିତ ବହୁଚର୍ଚ୍ଚିତ ଜହ୍ନ ନାୟକ ହତ୍ୟାକାଣ୍ଡ ମାମଲାର ରାୟ ଶୁକ୍ରବାର ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ମହାପାତ୍ର ମୃତ ମହିଳାଙ୍କ ସ୍ୱାମୀ ମାହୁଲିଆ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଗଣେଶ୍ୱର ସାହୁ, ବିମଳେନ୍ଦୁ ମହାପାତ୍ର ଏହି ମାମଲା ପରିଚାଳନା କରିଥିଲେ।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ଅଗଷ୍ଟ ୨୦ରେ ମାହୁଲିଆ ଏବଂ ଜହ୍ନ ଗୋଟିଏ ଘରେ ଶୋଇଥିଲେ। ୨୧ ତାରିଖ ସକାଳେ ଜହ୍ନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଘର ବାରଣ୍ଡାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମାହୁଲିଆଙ୍କ ଅନ୍ୟଜଣେ ମହିଳାଙ୍କ ସହିତ ସମ୍ପର୍କ ଥିବା ସନ୍ଦେହ କରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଘଟଣାଦିନ ରାତିରେ ଏହି କାରଣକୁ କେନ୍ଦ୍ର କରି ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମାହୁଲିଆ ପନିକିରେ ଜହ୍ନଙ୍କ ବେକକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଝିଅ ସନ୍ତୋଷିନୀ ନାଏକଙ୍କ ଅଭିଯୋଗକ୍ରମେ ନଂ. ୮୧/୧୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ତଦନ୍ତ ସମୟରେ ପୋଲିସ ହେପାଜତରେ ମାହୁଲିଆ ଦୋଷ ସ୍ୱୀକାର କରିଥିଲେ। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ପନିକିକୁ ପୋଲିସ ଜିମା ଦେଇଥିଲେ। ମାମଲାର ସିଟି ସେସନ୍ସ କେସ୍ ନଂ. ୧୬୮/୨୦୧୪ର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି।

## ରାମଚରିତ ମାନସ ପାରାୟଣ



ବକ୍ତାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ।

**ଓଡ଼ାପଡ଼ା, ୧୨।୪(ଡି.ଏନ.ଏ.)**

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ବସ୍‌ଷ୍ଟାଣ୍ଡରେ ତ୍ରିବିଂଶତମ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହେଉଛି। ଏହି ଅବସରରେ ଦୈନିକ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଗୀତାପାଠ, ବିଷ୍ଣୁ ସହସ୍ରନାମ ପାଠ ସହ ଯଜ୍ଞକାର୍ଯ୍ୟ ଚାଲିଛି। ସନ୍ଧ୍ୟାରେ ପାରାୟଣ, ଶ୍ରୀରାମ ନାମ ସଂକୀର୍ତ୍ତନ, ହନୁମାନ ଚାଳିଶା ପାଠ, ଶ୍ରୀରାମ କଥାମୃତ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଜୀବନ ରଞ୍ଜନ ମହାପାତ୍ର, ଗଣେଶ୍ୱର ସ୍ୱାଇଁ, ରବୀନ୍ଦ୍ର କୁମାର ଦାସ, ମାନସ ରଞ୍ଜନ, ଅର୍ଜୁନ ଚରଣ ମହାରାଜ ପ୍ରବଚନ ଦେଉଛନ୍ତି। ପଣ୍ଡିତ ଧୀରେନ ପତି ବ୍ୟାସ ଦାୟିତ୍ୱ ତୁଲାଉଛନ୍ତି। ଶନିବାର ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ନିଆଁ ଲଗାଇବା ଅଭିଯୋଗରେ ଜଣେ ଗିରଫ

**ବଇଣ୍ଡା, ୧୨।୪(ଡି.ଏନ.ଏ.)**

ମାଧପୁର ରେଞ୍ଜ ପୁରୁଣାପାଣି ଜଙ୍ଗଲରେ ନିଆଁ ଲଗାଉଥିବା ଅଭିଯୋଗରେ ଯୋଗୀପୁରୁଣାପାଣି ଗ୍ରାମର ସୁବାସ ଚନ୍ଦ୍ର ବେହେରାଙ୍କୁ ବନ ବିଭାଗ ଗିରଫ କରିଛି। ସୁବାସ ଜଙ୍ଗଲରେ ନିଆଁ ଲଗାଉଥିବା ସୂଚନା ପାଇ ଫରେଷ୍ଟର ପଦ୍ମଚରଣ ସାହୁ, ଗାର୍ଡ ମୋନାଲିସା ପ୍ରଧାନ ପ୍ରମୁଖ ଚଢ଼ାଉ କରିଥିଲେ।

## ମହିଳାଙ୍କୁ ଦୁର୍ବ୍ୟବହାର, କାର୍ଯ୍ୟାନୁଷ୍ଠାନ ଦାବି

**ଅନୁଗୋଳ ଅଫିସ, ୧୨।୪**

ଅନୁଗୋଳ ସହର ଉପକଣ୍ଠ ଏକ ସାହିରେ ଜନୈକା ମହିଳାଙ୍କୁ ଜଣେ ଯୁବକ ବାରମ୍ବାର ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏପରି କି ସାହି ଲୋକଙ୍କୁ ଗାଳିଗୁଲଜ ସହ ମାରଧର ମଧ କରୁଛନ୍ତି। ଏ ନେଇ ସମ୍ପୃକ୍ତା ମହିଳା ପୂର୍ବରୁ ୩ଥର ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସାହିବାସୀ କହିଛନ୍ତି। ଏହାର ସୁଯୋଗ ନେଇ ଯୁବକ ଜଣକ ପୁନର୍ବାର ଶୁକ୍ରବାର ସମ୍ପୃକ୍ତା ମହିଳାଙ୍କ ସହ ସାହିବାସିନ୍ଦାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ ଘଟଣାର ସମାଧାନ ନ ହେବାରୁ ସ୍ଥାନୀୟ ସରପଞ୍ଚ ଆସି ଥାନାରେ ପହଞ୍ଚିଥିଲେ। ଏହାପରେ ପୋଲିସ ଓ ଗାଁ ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଲୋକେ ଘରକୁ ଫେରିଥିଲେ।

# ମହିଳା ଗୋଷ୍ଠୀକୁ ଛତୁଚାଷ ତାଲିମ



ମହିଳାମାନଙ୍କୁ ଛତୁଚାଷ ସମ୍ପର୍କରେ ତାଲିମ ଦିଆଯାଉଛି।

**ଓଡ଼ାପଡ଼ା, ୧୨।୪(ଡି.ଏନ.ଏ.)**

ମହିଳା ଗୋଷ୍ଠୀକୁ ସଶକ୍ତୀକରଣ କରାଇବା ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଟାଟା ଷ୍ଟିଲ ବିଏସ୍‌ଏଲ୍ ପକ୍ଷରୁ ଛତୁଚାଷ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ସହଯୋଗର ହାତ ବଢ଼ାଇଛି ପୁରୀ ଜିଲା ଦାଣ୍ଡମୁକୁନ୍ଦପୁରସ୍ଥିତ କଳିଙ୍ଗ ମସ୍‌ରୁମ ସଂସ୍ଥା। ଏହି ଅବସରରେ ନରେନ୍ଦ୍ରପୁର ଏବଂ କୁରୁଣ୍ଟି ଗ୍ରାମର ୧୨ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳାଙ୍କୁ କଳିଙ୍ଗ ମସ୍‌ରୁମ ସଂସ୍ଥାକୁ ତାଲିମ ପାଇଁ ପଠାଯାଇଥିଲା। ଏପ୍ରିଲ ୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୦ ତାରିଖରେ ଶେଷ ହୋଇଛି।

ଟାଟାଷ୍ଟିଲ ବିଏସ୍‌ଏଲ୍ କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ ଏହାର ଶୁଭାରମ୍ଭ କରିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କମ୍ପାନୀର କର୍ପୋରେଟ ସାମାଜିକ ସେବା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କର୍ପୋରେଟ୍ ସେବା ବିଭାଗ ବରିଷ୍ଠ ପ୍ରବନ୍ଧକ ରେଣୁକା ସିଂ ଏହି ଦଳର ନେତୃତ୍ୱ ନେଇଥିଲେ। ସଂସ୍ଥା ମୁଖ୍ୟ ତଥା ତାଲିମଦାତା ସନ୍ତୋଷ କୁମାର ମିଶ୍ର ମହିଳାମାନଙ୍କୁ ଛତୁଚାଷ ସମ୍ପର୍କରେ ବୁଝାଇଥିଲେ। ପ୍ରଶିକ୍ଷଣ ନେଇଥିବା ମହିଳାମାନେ ନିଜ ଗ୍ରାମରେ ଛତୁଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କାମାକ୍ଷାନଗର, ୧୨।୪(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ ତୁମୁସିଙ୍ଗାସ୍ଥିତ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ମାର୍ଚ୍ଚ ୩୦ରୁ ସେ ଅବସର ଗ୍ରହଣ କରିଛନ୍ତି। ସ୍କୁଲ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା, ମୁଖ୍ୟବକ୍ତା ନିଖିଳ ଓଡ଼ିଶା ସରକାରୀ ଶିକ୍ଷକ ସଂଘ ଉପଦେଷ୍ଟା ସୁବୋଧ ରାୟ, ସମ୍ମାନିତ ଅତିଥି ବିଇଓ ଅଜୟ ପାତ୍ର, ସରକାରୀ ଶିକ୍ଷକ ସଂଘ ରାଜ୍ୟ ସଭାପତି କିଶୋର କୁମାର ରଥ, ସମ୍ପାଦକ ରମାକାନ୍ତ ମହାପାତ୍ର, ଉପଦେଷ୍ଟା ନାରାୟଣ ତ୍ରିପାଠୀ, ସରପଞ୍ଚ ମୀନକେତନ ନାୟକ ପ୍ରମୁଖ ମଞ୍ଚାସୀନ ରହି ଲୋକନାଥଙ୍କ ଦୀର୍ଘାୟୁ କାମନା କରିଥିଲେ। ଗରିବ, ଦୁର୍ବଳ ବର୍ଗ ଛାତ୍ରୀଛାତ୍ରଙ୍କୁ ଲୋକନାଥ ସର୍ବଦା ସହଯୋଗର ହାତ ବଢ଼ାଇ ଆସୁଥିଲେ। ତାଙ୍କ ଉଦ୍ୟମରେ ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଛି। ଜଣେ ଶିକ୍ଷକଙ୍କର ଅବସର ବୋଲି କିଛି ନ ଥାଏ। ବିଦ୍ୟାଳୟ ବନ୍ଧନରୁ ମୁକ୍ତ ହେବାପରେ ଶିକ୍ଷାଦାନ କରିବାକୁ ଅଧିକ ସମୟ ମିଳିପାରିବ ବୋଲି ଅତିଥିମାନେ ମତ ରଖିଥିଲେ। ଶିକ୍ଷାବିତ୍ ମାୟାଧର ପାଣି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ରୂର ବିଶ୍ୱାଳ, ଗଗନ ବିହାରୀ ପଣ୍ଡା, ଦୁଃଖବନ୍ଧୁ ବିଶ୍ୱାଳ, ଓଷ୍ଟାର ବ୍ଲକ ସଭାପତି ବିନୋଦ କୁମାର ସ୍ୱାଇଁ, ଶ୍ରୀରାମ ରାଉତଙ୍କ ସମେତ ବହୁ ଶିକ୍ଷକ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ଠିକାଦାର କଲୋନୀକୁ ଜଳ ଯୋଗାଣ ଦାବି

**ବଁଅରପାଳ, ୧୨।୪ (ଡି.ଏନ୍.ଏ.)**

ନାଲ୍‌କୋ ଟାଉନଶିପ୍ କଲୋନୀ ପରିସରରେ ଥିବା ଠିକାଦାର କଲୋନୀକୁ ପାନୀୟ ଜଳ ଯୋଗାଣ ପାଇଁ ସିଭିଲ୍ ବିଭାଗର ଅତିରିକ୍ତ ମହାପ୍ରବନ୍ଧକଙ୍କ ନିକଟରେ ସମସ୍ତ ଠିକାଦାର ଦାବି କରିଛନ୍ତି। ଟାଉନଶିପ୍‌ର ମେଣ୍ଟେନାନ୍ସ, ସିଭିଲ୍ କାର୍ଯ୍ୟ ତଥା ପରିମଳ କାମ ନିମନ୍ତେ ୧୩ରୁ ଊର୍ଦ୍ଧ୍ୱ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏପରି କି ନାଲ୍‌କୋ ପକ୍ଷରୁ ଠିକାଦାରମାନଙ୍କ ସାମଗ୍ରୀ ତଥା ଅଫିସ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଜାଗା, ବିଦ୍ୟୁତ୍ ଆଦି ଯୋଗାଇ ଦିଆଯାଇଛି। ମାତ୍ର ୧ ମାସରୁ ଊର୍ଦ୍ଧ୍ୱ ହେଲା କଲୋନୀକୁ ପାଣି ଯୋଗାଣ ବନ୍ଦ କରାଯାଇଛି। ଫଳରେ ଠିକାଦାର ଓ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଶତାଧିକ ଠିକା ଶ୍ରମିକ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଇବା ପାଣିର ଅଭାବ ଯୋଗୁ ଶ୍ରମିକମାନେ ବହୁ ଦୂରରୁ ପାଣି ଆଣୁଛନ୍ତି। ତୁରନ୍ତ ପାନୀୟ ଜଳ ଯୋଗାଣ କରିବା ପାଇଁ ଅରୂପା କନ୍‌ଷ୍ଟ୍ରକଶନ୍, ବିସି କନ୍‌ଷ୍ଟ୍ରକଶନ୍, ଏଟିସି କନ୍‌ଷ୍ଟ୍ରକଶନ୍, କେ ସି ଜେନା, ପାୱାର କନ୍‌ଷ୍ଟ୍ରକଶନ୍ ଆଦି ୧୩ରୁ ଊର୍ଦ୍ଧ୍ୱ ଠିକା ସଂସ୍ଥା ପକ୍ଷରୁ ଏଜିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

■ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲା ପରିବାର

**କାମାକ୍ଷାନଗର, ୧୨।୪(ଡି.ଏନ.ଏ.)**



ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

■ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

■ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୁଲପାଳ-ଜିରାଳ ରାସ୍ତାର ସାରୁଆଳି ଘୁମୁରା ନାଳ ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଆଳତୁମା ଗ୍ରାମର କାଳିଆ ପ୍ରଧାନ (୪୨)। ଘଟଣାସ୍ଥଳରୁ କାଳିଆ ବ୍ୟବହାର କରୁଥିବା ସ୍କୁଟର (ଓଡି ୦୬ ଏଫ୍ ୮୦୯୯) ଏବଂ ମୋବାଇଲ ଫୋନ ଉଦ୍ଧାର କରାଯାଇଛି। ତାଙ୍କୁ କେହି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ମୃତକଙ୍କ ଭାଇ ବୁଦ୍ଧିମନ୍ତ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୮୦/୧୯ରେ ମାମଲା ରୁଜୁ କରାଯାଇଛି। ଥାନାଧିକାରୀ ନିରଞ୍ଜନ ସେଠୀ ସଦଳବଳ ସାଇଣ୍ଟିଫିକ୍ ଟିମସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଗ୍ରାମବାସୀ ଅପରାହ୍ନରେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ୪୮ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ଏ ନେଇ ଥାନାଧିକାରୀ କୁହନ୍ତି, ପାରିପାର୍ଶ୍ୱିକସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। କାଳିଆ ମେଟାଲ ଯୋଗାଣ ବ୍ୟବସାୟ କରୁଥିଲେ। ସମ୍ଭବତଃ ଏହାକୁ ନେଇ ଶତ୍ରୁତା କାରଣରୁ ତାଙ୍କୁ କେହି ହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ସାଇଣ୍ଟିଫିକ୍ ଟିମ୍‌ର ସହକାରୀ ନିର୍ଦ୍ଦେଶକ ଶ୍ୟାମାମଣି ସାହୁ, ସହକାରୀ ସାଇଣ୍ଟିଫିକ୍ ଅଫିସର ତପନ କୁମାର ପ୍ରଧାନ ପୋଲିସ ସହାୟତାରେ ତଦନ୍ତ କରିଛନ୍ତି। ମୃତକଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ ହତ୍ୟା ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର,୧୩ ଏପ୍ରିଲ /୨୦୧୯ Dhenkanal, Saturday April 13 / 2019

## ସଂକ୍ଷେପରେ

### ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ



ତାଳଚେର,୧୨।୪(ନି.ପ୍ର.)- ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଆଗାମୀ ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଶୁକ୍ରବାର ପୀଠରେ ଥିବା ହୁଣ୍ଡିଗୁଡିକ ଖୋଲାଯାଇଛି। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ଜଗନମୋହନ ଗଡନାୟକ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଗଗନ ବିହାରୀ ସାହୁ, ମୁରଲୀଧର ସାହୁ, ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ସିଂ, ସନ୍ତୋଷ କୁମାର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ପଠାଣି ବାରିହା ପ୍ରମୁଖଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇ ମୋଟ୍ ୨ ଲକ୍ଷ ୪୮ ହଜାର ୬୨୫ଟଙ୍କା ସଂଗ୍ରହ କରାଯାଇଥିଲା। ହିଙ୍ଗୁଳାଙ୍କ ନିର୍ମାଣାଧୀନ ଭବ୍ୟ ମନ୍ଦିର ନିମନ୍ତେ ଶ୍ରଦ୍ଧାଳୁମାନେ ଅକୁଣ୍ଠ ଚିତ୍ତରେ ଦାନ କରିବାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ନିବେଦନ କରାଯାଇଛି।

### ଜଳଛତ୍ର, ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ



ବନ୍ତଳା, ୧୨।୪ (ଡି.ଏନ.ଏ)- ବଡକେରା ପଞ୍ଚାୟତ ଜନଜାଗରଣ ମଞ୍ଚ ପକ୍ଷରୁ ବଡକେରା ଛକଠାରେ ଏକ ଜଳଛତ୍ର ଓ ଯାତ୍ରୀ ବିଶ୍ରାମଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମଞ୍ଚ ପକ୍ଷରୁ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ୫୫ ନମ୍ବର ଜାତୀୟ ରାଜପଥକୁ ୪ ଲେନ୍ କରିବା ପାଇଁ ଏଠାରେ ଥିବା ଯାତ୍ରୀ ବିଶ୍ରାମାଗାର ସମେତ ରାସ୍ତାକଡ଼ରେ ଥିବା ସମସ୍ତ ଗଛ ଓ ଦୋକାନ ଗୃହ ହଟାଇ ଦିଆଯାଇଛି। ଫଳରେ ଯାତ୍ରୀମାନେ ରାସ୍ତାକଡ଼ରେ ପ୍ରଚଣ୍ଡ ଖରାରେ ଠିଆ ହୋଇରହିବା କଷ୍ଟକର ହୋଇପଡିଛି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନରେ ଅସ୍ଥାୟୀ ଭାବେ ବିଶ୍ରାମାଗାର ନିର୍ମାଣ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମହନ୍ତ ଅଚ୍ୟୁତାନନ୍ଦ ମିଶ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପଦେଷ୍ଟା ମାୟାଧର ମୁଖି, ମୁରଲୀଧରଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ଯାତ୍ରୀ, ପଥଚାରୀ ତଥା ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କୁ ଦହି ସରବତ ବଣ୍ଟନ କରିଥିଲେ।

### ମତ୍ସ୍ୟ ବିଭାଗ ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୨।୪- ଅନୁଗୋଳ ମତ୍ସ୍ୟ ବିଭାଗ ପୋଖରୀ ପଡ଼ି ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ମଦନମୋହନ ପଡ଼ାରେ ରହୁଥିବାବେଳେ ତାଙ୍କ ନାମ କାଳିଆ ବେହେରା(୬୦) ଓ ପୈତୃକ ଘର ବ୍ରହ୍ମପୁର ବୋଲି ଜଣାପଡ଼ିଛି। ଶୌଚ ହେବାକୁ ଆସିଥିବା ବେଳେ ସେ କୌଣସି କାରଣରୁ ପୋଖରୀରେ ପଡ଼ିଯାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସୂଚନା ମିଳିଛି।

## ଅନୁଗୋଳ ତାପମାତ୍ରା ୪୨ ଡେଇଁଲାଣି

# ସହରରେ ଖୋଲାଯାଇନି ଜଳଛତ୍ର

ଅନୁଗୋଳ ଅଫିସ, ୧୨।୪

- ବଢୁଛି ଅଂଶୁଘାତ ମୃତ୍ୟୁ ଅଭିଯୋଗ
- ପାଳନ ହୋଇନି ବିପର୍ଯ୍ୟୟ ପରିଚାଳନା ବୈଠକ ନିର୍ଦ୍ଦେଶ
- ଜିଲାପାଳ କହିଲେ ଅନୁଧ୍ୟାନ କରିବି



ତତଲା କଡେଇରେ ପରିଣତ ହେଲାଣି ଅନୁଗୋଳ। ଶୁକ୍ରବାର ସହରର ତାପମାତ୍ରା ୪୨.୧ ଡିଗ୍ରୀ ଛୁଇଁଛି। ମୁଣ୍ଡଫଟା ଖରା ଯୋଗୁ ପୂର୍ବାହ୍ନ ୧୦ଟାରୁ ସହର ଖାଁ ଖାଁ ହୋଇଯାଉଛି। ଜରୁରୀ କାମ ନ ଥିଲେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏପରି ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ମାର୍ଚ୍ଚ ୧୮ରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକରେ ଜୋର୍ ଦିଆଯାଇଥିଲା। ହେଲେ ମାସେ ବିତିବାକୁ ବସିଥିଲେ ବି ପ୍ରଶାସନ ପକ୍ଷରୁ ସେପରି ପ୍ରସ୍ତୁତି ଦେଖାଯାଉ ନାହିଁ। ଏପରି କି ସହରରେ ଜଳଛତ୍ରଟିଏ ମଧ୍ୟ ଏଯାଏ ପ୍ରଶାସନ ଖୋଲିବାର ବ୍ୟବସ୍ଥା କରିନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଗତମାସରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ। ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଠାରୁ ଆରମ୍ଭ କରି ଜିଲା ଜରୁରିକାଳୀନ ଅଧିକାରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ। ଅଂଶୁଘାତର ଉଚିତ ମୁକାବିଲା ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜିଲା କାର୍ଯ୍ୟାଳୟ ସମେତ ଜଳସେଚନ ଓ ଅଂଶୁଘାତ ସହ ଜଡ଼ିତ ସମସ୍ତ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ ବୋଲି କୁହାଯାଇଥିଲା। ଏହାର ତଦାରଖ ଖୋଦ୍ ଗେଜେଟେଡ ଅଧିକାରୀମାନେ କରିବେ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଆସୁଥିବା ଜଳାଭାବ ଅଭିଯୋଗଗୁଡ଼ିକୁ ତୁରନ୍ତ ଗ୍ରହଣ କରି ୪୮ ଘଣ୍ଟା ମଧ୍ୟରେ ସମାଧାନ କରିବାକୁ ଜିଲାପାଳ କହିଥିଲେ। ପୌରାଞ୍ଚଳ, ଗ୍ରାମାଞ୍ଚଳ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ପାରିପାର୍ଶ୍ୱିକ ଅଞ୍ଚଳରେ ଜଳଛତ୍ର ଖୋଲିବା ସହ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଣ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପ୍ରଶାସନର ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହୋଇଛି ତାହା ଜାଣିପାରୁ ନାହାନ୍ତି ସହରବାସୀ। କାରଣ କୌଣସି ସ୍ଥାନରେ ଜଳଛତ୍ରଟିଏ ଖୋଲାଯାଇ ନ ଥିବା ବେଳେ ଏବେ ବି ପାଣି ପାଇଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଦୁଇ ଦିନ ତଳେ ହାତୀବାରି ମୁଣ୍ଡାସାହିରେ ଅଂଶୁଘାତରେ ଜଣଙ୍କର ଜୀବନ ଯାଇଥିବା ଅଭିଯୋଗ ହେଉଛି। ଜିଲା ଜରୁରିକାଳୀନ କଣ୍ଟ୍ରୋଲ ରୁମ୍‌ର ଟେଲିଫୋନ ନମ୍ବର ୨୩୦୯୮୦କୁ ମଧ୍ୟ ଫୋନ୍ କଲେ ଉତ୍ତର ମିଳୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ତଥାପି ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି। ସେହିପରି ପୌରପାଳିକା ପକ୍ଷରୁ ବି କୌଣସି ବ୍ୟବସ୍ଥାର ଦେଖାଦର୍ଶନ ନାହିଁ। ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ମୋବାଇଲ ୭୯୭୮୧୦୩୮୦୪ରେ ଯୋଗାଯୋଗ କରାଯିବାକୁ ଉଦ୍ୟମ କରାଯାଇଥିଲେ ବି ସେ ଫୋନ ଉଠାଇ ନ ଥିଲେ। ତେବେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ମୋ ନଜରରେ ସେପରି କିଛି ଅଭିଯୋଗ ନାହିଁ। ଘଟଣାର ଅନୁଧ୍ୟାନ କରିବି। କେଉଁ କାରଣରୁ ଜଳଛତ୍ର ଖୋଲଯାଇନାହିଁ ତାହା ବୁଝିବି।

## ଆରମ୍ଭ ହେଲା ବାସନ୍ତୀ ଦୁର୍ଗା ପୂଜା

# ସପ୍ତମୀ ସମ୍ପନ୍ନ, ଅଷ୍ଟମୀ ପାଇଁ ବ୍ୟାପକ ଆୟୋଜନ



ଅନୁଗୋଳ ଅଫିସ/ବଅଁରପାଳ, ୧୨।୪(ଡି.ଏନ.ଏ.)

ଅନୁଗୋଳରେ ଶୁକ୍ରବାର ମହାସମାରୋହରେ ଆରମ୍ଭ ହୋଇଛି ବାସନ୍ତୀ ଦୁର୍ଗା ପୂଜା। ମା' ବାସନ୍ତୀ ଦୁର୍ଗା ପୂଜା ପଡ଼ିଆରେ ଦେବୀଙ୍କ ନବ ପତ୍ରିକା ପ୍ରବେଶ ସହ ମହାସପ୍ତମୀ ପୂଜା ଶୁକ୍ରବାର ସମ୍ପନ୍ନ ହୋଇଛି। ପୂଜା ଅବସରରେ ଚଣ୍ଡୀ ପାଠ, ହୋମ ଯଜ୍ଞ ସହର ପରିବେଶକୁ ଭକ୍ତିମୟ କରିଛି।

ଅନୁଗୋଳର ବଡ଼ କେନାଲରୁ ପାଣି ଆଣି ମହିଳାମାନେ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଆସିଥିଲେ। ପରେ ଯଥାବିଧି ମା'ଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା। ଶନିବାର ଅଷ୍ଟମୀ ପୂଜା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ସୂର୍ଯ୍ୟପୂଜାଠାରୁ ସନ୍ଧିପୂଜା ବିଧି ମୁତାବକ କରାଯିବ ବୋଲି ସୂଚନା ମିଳିଛି। ସୁନ୍ଦର ତୋରଣ ସାଙ୍ଗକୁ ଆଲୋକସଜ୍ଜା ପୂଜାକୁ ଅଧିକ ଆକର୍ଷଣୀୟ କରିଛି। ଏଥିସହ ମେଳା ପଡ଼ିଆରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଦୋଳି ଓ ଅନେକ ପ୍ରକାରର ଷ୍ଟଲଗୁଡ଼ିକ ମଧ୍ୟ ପଡିଛି। ଶନିବାରଠାରୁ ଷ୍ଟଲଗୁଡ଼ିକରେ ଭିଡ଼ ଜମିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଭଜନ ସନ୍ଧ୍ୟା ଓ ଆକର୍ଷଣୀୟ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ସହରର ହୁଲୁରୁସିଂହା, ଡେଲି ମାର୍କେଟ ପ୍ରଭୃତି ଅଞ୍ଚଳରେ ମଧ୍ୟ ମା'ଙ୍କ ପୂଜା ଆରମ୍ଭ ହୋଇଛି। ସେହିପରି ନାଲ୍‌କୋରେ ବାସନ୍ତୀ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ଟେମ୍ପରାରି ମାର୍କେଟ କମ୍ପ୍ଲେକ୍ସ ପରିସରରେ ଶୁକ୍ରବାର ମା'ଙ୍କ ସପ୍ତମୀ ପୂଜା ପାଳିତ ହୋଇକଛି। ଏହିଅବସରରେ ନବପତ୍ରିକା ପ୍ରବେଶ, ଗୋ ପୂଜା, ସୂର୍ଯ୍ୟ ପୂଜା, ସପ୍ତମୀ ବିହିତ ପୂଜା, ସନ୍ଧି ପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶନିବାର ଅଷ୍ଟମୀ ପୂଜା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଠାକୁରାଣୀଙ୍କ ଆକର୍ଷଣୀୟ ପୂଜା ମଣ୍ଡପ ନିର୍ମାଣ କରାଯିବା ସହ ରଙ୍ଗିନ ଆଲୋକ ସଜ୍ଜାରେ ପୂଜା ମଣ୍ଡପ ଝଲମଲ ହୋଇପଡ଼ିଛି। ଏହା ଦେଖିବାକୁ ବହୁ ଭକ୍ତଙ୍କ ଭିଡ଼ ଜମିଛି।




# ନିୟମ ସମ୍ପର୍କରେ ସଚେତନ ହେଲେ ପ୍ରତିନିଧି

ଅନୁଗୋଳ ଅଫିସ, ୧୨।୪

ନିର୍ବାଚନ ପରିଚାଳନା ପାଇଁ ପ୍ରସ୍ତୁତ ହୋଇଥିବା ନିୟମାବଳୀ ସମ୍ପର୍କରେ ପ୍ରାର୍ଥୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହ ଠାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଏହି ବୈଠକରେ ଯୋଗଦେଇ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥିତ ପ୍ରତିନିଧିମାନଙ୍କୁ ପ୍ରଦାନ କରିଥିଲେ। ଏହି ବୈଠକରେ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀର ସାଧାରଣ ପର୍ଯ୍ୟବେକ୍ଷକ ରମେଶ ବର୍ମା, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭି.ଏନ୍. ତ୍ରିବେଦୀ, ଢେଙ୍କନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାମେଶ୍ୱର ପି. ମିନା ଓ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର କୌଣସି ଖବର ଜିଲାପାଳଙ୍କ ନଜରକୁ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବିଜ୍ଞାପନଗୁଡ଼ିକ ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟିରେ ଯାଞ୍ଚ କରାଯିବା ପରେ ପ୍ରଚାର ଉଦ୍ଦେଶ୍ୟରେ ପ୍ରକାଶିତ କରାଯିବ। ପ୍ରାର୍ଥୀ ନିର୍ବାଚନ ବ୍ୟୟ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ବ୍ୟାଙ୍କ ଜମା ଖାତା ଖୋଲିବେ। ଏଥିରେ ସର୍ବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ କାରବାର କରିବା ସହ ୧୦ ହଜାରରୁ ଅଧିକ ଖର୍ଚ୍ଚ ହେଲେ ତାହା ଚେକ୍ ମାଧ୍ୟମରେ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଡେପୁଟି କମିଶନର ସିଟିଆଣ୍ଡଜିଏସ୍‌ଟି ଦୀପକ କୁମାର ପଣ୍ଡା ସାଧନକର୍ମୀ ଭାବେ ଯୋଗଦେଇ ସମସ୍ତ ପ୍ରାର୍ଥୀ ୩ଟି ରେଜିଷ୍ଟର ତଥା ଦୈନନ୍ଦିନ ନିର୍ବାଚନ ଖର୍ଚ୍ଚ ବିବରଣୀ ରେଜିଷ୍ଟର, କ୍ୟାଶ୍ ରେଜିଷ୍ଟର ଓ ବ୍ୟାଙ୍କ ରେଜିଷ୍ଟରକୁ ନିୟମିତ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ପ୍ରଚାରରେ ବ୍ୟବହୃତ ଗାଡ଼ିରେ ଅନୁମତି ପତ୍ର ଲଗାଇବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାର୍ଥୀମାନଙ୍କ ଶୋଭାଯାତ୍ରା ପାଇଁ ଆଗୁଆ ଅନୁମତି ନେବାକୁ ପଡ଼ିବ। ତାରକା ପ୍ରଚାରକଙ୍କ ଦ୍ୱାରା ଗସ୍ତ ଖର୍ଚ୍ଚ (ହେଲିକପ୍ଟର ସଦୃଶ) ପ୍ରାୟୋଜକ ଦଳ ଠାରୁ ସଂଗ୍ରହ କରିବେ ଯେପରି କି ପ୍ରାର୍ଥୀଙ୍କ ହିସାବ ବିବରଣୀରେ ସେଗୁଡ଼ିକ ନିର୍ଭୁଲ ଭାବେ ରହିପାରିବ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାକେଶ କୁମାର କୁଣ୍ଠୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇଥିଲେ।

### ବିଜେଡି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

କଣିହାଁ, ୧୨।୪ (ଡି.ଏନ୍.ଏ)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାରଠାରେ ଶୁକ୍ରବାର ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ାର ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଲ ରେଙ୍ଗାଳି ପ୍ରକଳ୍ପର ପେଟ୍ରୋଲ ପମ୍ପ ଛକଠାରେ ପହଞ୍ଚିବା ପରେ ବଜାରରେ ଶୋଭାଯାତ୍ରା କରିଥିଲେ। ଶୁକ୍ରବାର ସକାଳେ ଲକ୍ଷ୍ମୀ ବଜାର ଅଞ୍ଚଳର ଅୱନ ଅଗ୍ରୱାଲ ନାମକ ଜଣେ ବ୍ୟବସାୟୀଙ୍କ ବିୟୋଗ ଘଟିଥିବାରୁ ପାଲ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା କୈଳାସ ସାହୁ, ହିମାଚଳ ପଣ୍ଡା, ବିଷ୍ଣୁ ଦାସ, ଶଶି ଶେଖର ସିଂ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କୁଳମଣି ବେହେରା, ରଶ୍ମିତା ସେଠୀ, ଭୀମସେନ ପ୍ରଧାନଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ମା' କାମଦେବୀଙ୍କ ବାର୍ଷିକ ପୂଜା



ମା' କାମଦେବୀଙ୍କ ପୀଠସ୍ଥଳି।

ବଅଁରପାଳ, ୧୨।୪ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ଗୋତମରା ଗ୍ରାମର ପ୍ରତ୍ୟକ୍ଷ ଠାକୁରାଣୀ ମା' କାମଦେବୀଙ୍କ ବାର୍ଷିକ ପୂଜା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ମା'ଙ୍କ ପୀଠସ୍ଥଳି ନାଲ୍‌କୋ ସିପିପି ପ୍ଲାଣ୍ଟ ପରିସରରେ ଥିବାରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ପ୍ଲାଣ୍ଟ ପରିସରକୁ ଆସି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନରେ ଗୋତମରା ଗ୍ରାମରୁ ଠାକୁରାଣୀଙ୍କ ଆଲମକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳିକୁ ଅଣାଯାଇଥିଲା। ଏହାପରେ ଠାକୁରାଣୀଙ୍କ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ଅନ୍ୟଦିନେ ପ୍ଲାଣ୍ଟ ପରିସରକୁ ସାଧାରଣ ଲୋକଙ୍କୁ ଛଡ଼ାଯାଉ ନ ଥିବା ବେଳେ ଏହି ପୂଜା ପାଇଁ ସମସ୍ତ ଭକ୍ତଙ୍କୁ ସିଆଇଏସ୍‌ଏଫ୍ ପକ୍ଷରୁ ବିନା ଗେଟ୍‌ପାସ୍‌ରେ ଛଡ଼ାଯାଇଥିଲା।




# ଜବତ ଟଙ୍କା ଓ ବନ୍ଧୁକ ନକଲି, ୩ ଗିରଫ

ତାଳଚେର,୧୨।୪(ନି.ପ୍ର.)

### ମୁହଁ ଖୋଲିଲା ତାଳଚେର ପୋଲିସ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି।

ଅନୁଗୋଳ ଜିଲା ତାଳଚେର ଥାନା ସନ୍ଥପଡା ଗ୍ରାମ ନିକଟସ୍ଥ ୫୩ ନମ୍ବର ରାଜପଥରେ ଗତ ୯ ତାରିଖରେ ଏକ କାର୍ ଅଟକାଇ ବିପୁଳ ପରିମାଣର ଟଙ୍କା ଓ ମାଉଜର ଜବତ କରାଯିବା ଘଟଣା ଉପରୁ ଶୁକ୍ରବାର ପରଦା ହଟାଇଛି ପୋଲିସ। ୨ ଦିନ ଧରି ଚୁପ୍ ରହିବା ପରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ ଜବତ ୩ ଲକ୍ଷ ୫୨ହଜାର ୬ ଶହ ଟଙ୍କା ଓ ବନ୍ଧୁକ ସବୁକିଛି ନକଲି ବୋଲି ସୂଚନା ଦେଇଛି। ଘଟଣାରେ ତାଳଚେରର ଜଣେ ମାଛ ବ୍ୟବସାୟୀ ପପୁ ଓରଫ ବ୍ରଜମୋହନ ସାହୁ, ଯାଜପୁର ସଡକପୁରର ପୂର୍ବତନ ସରପଞ୍ଚ ପଦନ ମଲ୍ଲିକ ଓ ଯାଜପୁରର ଗୋର୍ଦ୍ଧାର ପୂଜକ ସଂଗ୍ରାମ କେଶରୀ ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କିନ୍ତୁ ଘଟଣାର ମାଷ୍ଟରମାଇଣ୍ଡ କିଏ ଓ ଏତେ ପରିମାଣର ନକଲି ଟଙ୍କା କେଉଁଠାରୁ ଅଣାଯାଉଥିଲା ସେ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇନାହିଁ। ଏହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ପୋଲିସ କହିଛି, ଗତ ୯ ତାରିଖ ଅପରାହ୍ନ ୪ଟା ୪୫ରେ ସନ୍ଥପଡା ଗ୍ରାମ ନିକଟରେ ଗାଡି ଯାଞ୍ଚ ହେଉଥିଲା। କାମାକ୍ଷାନଗର ଆଡୁ ବ୍ରାହ୍ମଣୀ ନଦୀ ଦେଇ ତାଳଚେର ଅଭିମୁଖେ ଆସୁଥିବା ଏକ କାର୍ (ଓଡି୧୯ଡି–୨୧୨୦)କୁ ଅଟକା ଯାଇଥିଲା। ଗାଡ଼ିରେ ପପୁ ଓ ଚାଳକ ଦୁଃଶାସନ ଦାସ ଥିଲେ। ପପୁଙ୍କ ସିଟ୍ ତଳୁ ଟଙ୍କା ସହ ମାଉଜର ମିଳିଥିଲା। ଯାଞ୍ଚ ପରେ ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ପପୁ ଗତ ଫେବୃୟାରୀରେ ୬୦ ହଜାର ଟଙ୍କା ବ୍ୟବସାୟରେ ଲଗାଇଥିଲେ। କିନ୍ତୁ ୨ୟ ଥର ଟଙ୍କା ଆଣିବାବେଳେ ପୋଲିସ ହାତରେ ଧରା ପଡିଥିଲେ। ପପୁଙ୍କୁ ପଦନ ଓ ସଂଗ୍ରାମ ସାହାଯ୍ୟ କରୁଥିଲେ। ପପୁଙ୍କ ସୂଚନା ଆଧାରରେ ପୋଲିସ ପଦନ ଓ ସଂଗ୍ରାମଙ୍କୁ ଗିରଫ କରିପାରିଥିଲା। କିନ୍ତୁ ଜାଲ୍ ନୋଟ୍ ଦେଉଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇପାରିନାହିଁ। ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ସମ୍ମିଳନୀରେ ତାଳଚେରର ଅତିରିକ୍ତ ଏସପି ସନ୍ତୋଷ ମିଶ୍ର, ତାଳଚେର ଆଇଆଇସି ସୌଭାଗ୍ୟ ସ୍ୱାଇଁଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ